# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 31 March - 2026

**********************************

## <u>ମୁଖ୍ୟ ସମ୍ବାଦ</u>

- ବିଧାନସଭାରେ ଭାରତର ମହାଲେଖା ନିୟନ୍ତ୍ରକ ପାଞ୍ଚଟି ରିପୋର୍ଟ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
- ଦେଶକୁ ମାଓବାଦୀମୁକ୍ତ କରିବା ଲକ୍ଷ୍ୟ ସମୟସୀମା ଆଜି ଶେଷ ହେଉଛି
- ଜୈନ ଧର୍ମାବଲମ୍ବୀମାନେ ପାଳନ କରୁଛନ୍ତି ୨୪ତମ ତଥା ଶେଷ ଜୈନ ତୀର୍ଥଙ୍କର ଭଗବାନ ମହାବୀରଙ୍କ ଜୟନ୍ତୀ

ଏବଂ

- **ପୁରୀ** ଶ୍ରୀମନ୍ଦିରରେ ଆଜି ଚୈତ୍ର ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଅନୁଷ୍ଠିତ ହେବ ଦୟଣାଚୋରି ନୀତି

## ବିଧାନସଭା-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ଭାରତର ମହାଲେଖାନିୟନ୍ତ୍ରକ ତଥା ମହା ସମୀକ୍ଷକ-ସିଏଜିଙ୍କ ପାଞ୍ଚଟି ରିପୋର୍ଟ ଉପସ୍ଥାପିତ କରିଛନ୍ତି। ସେଗୁଡ଼ିକ ହେଲା ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡ଼ିକର ଅନୁପାଳନ ଏବଂ କାର୍ଯ୍ୟଦକ୍ଷତା ସମୀକ୍ଷା ଉପରେ ୨୦୨୩ ମସିହା ମାର୍ଚ୍ଚ ମାସରେ ସମାପ୍ତ ଅବଧି ପାଇଁ ପ୍ରତିବେଦନ ସଂଖ୍ୟା-ଛଅ, କାର୍ଯ୍ୟଦକ୍ଷତା ଏବଂ ଅନୁପାଳନ ସମୀକ୍ଷା ପ୍ରତିବେଦନ ସଂଖ୍ୟା-୭, ରାଜ୍ୟରେ ଆଦିମ ଜନଜାତି ଗୋଷ୍ଠୀର ବିକାଶ ପାଇଁ ଅଣୁପ୍ରକଳ୍ପ ସଂସ୍ଥାଗୁଡ଼ିକର କାର୍ଯ୍ୟକାରିତା ଏବଂ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ସିଏଜିଙ୍କ ପ୍ରତିବେଦନ ସଂଖ୍ୟା-୮ ଏବଂ ସମନ୍ୱିତ ଶିଶୁ ବିକାଶ ସେବା ଓ ମଧ୍ୟାହ୍ନ ଭୋଜନ ପୋଷଣର କାର୍ଯ୍ୟକାରିତା ଉପରେ ସମ୍ପାଦନା ସମୀକ୍ଷା ସମ୍ପର୍କିତ ପ୍ରତିବେଦନ ସଂଖ୍ୟା-୯ । ଏହା ବ୍ୟତୀତ ୨୦୨୪-୨୫ ବର୍ଷ ପାଇଁ ରାଜ୍ୟ ଆର୍ଥିକ ସ୍ଥିତିର ପ୍ରତିସଂଖ୍ୟା ୩ ମଧ୍ୟ ମୁଖ୍ୟମନ୍ତ୍ରୀ ଗୃହରେ ଉପସ୍ଥାପିତ କରିଛନ୍ତି।

## ବିଧାନସଭା-ପାନୀୟଜଳ

ରାଜ୍ୟର ଗ୍ରାମାଞ୍ଚଳଗୁଡ଼ିକରେ ପାନୀୟଜଳ ଅଭାବର ମୁକାବିଲା ପାଇଁ ରାଜ୍ୟ ସରକାର ଗତ ୨ ବର୍ଷ ମଧ୍ୟରେ ୨୩ଟି ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି ବୋଲି ଆଜି ବିଧାନସଭାରେ ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ଏଥିସହିତ ୩ ହଜାର ୮ଟି ଏକାଧିକ ଗ୍ରାମବିଶିଷ୍ଟ ପାନୀୟଜଳ ଯୋଗାଣ ପ୍ରକଳ୍ପ, ୨ ହଜାର

୭୦୨ଟି ସୌରଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଏବଂ ୧ ହଜାର ୪୩୦ଟି ସୌରଚାଳିତ ହ୍ୟାଣ୍ଡପମ୍ପ କାର୍ଯ୍ୟକ୍ଷମ କରାଯାଇଛି। ସମୁଦାୟ ୨୭ ହଜାର ୩୩୫ଟି ନୂତନ ନଳକୂପ ରାଜ୍ୟ ସରକାର ଖନନ କରିଛନ୍ତି। ଚଳିତ ଗ୍ରୀଷ୍ମଋତୁରେ ଜଳକ୍ଲିଷ୍ଟ ଅଂଳଚ ଚିହ୍ନଟ କରାଯାଇ ପାଣିଟାଙ୍କି ମାଧ୍ୟମରେ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଯୋଗାଇବା ଏବଂ ଆବଶ୍ୟକସ୍ଥଳେ ନୂତନ ନଳକୂପ ଖନନ କରିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ବିଧାନସଭା–ହେନ୍ତାଳ ବଣ

ସାମୁଦ୍ରିକ ଝଡବାତ୍ୟା ରୋକିବା ପାଇଁ ଚଳିତ ଆର୍ଥିକବର୍ଷରେ ରାଜ୍ୟର ଉପକୂଳବର୍ତ୍ତୀ ୫ଟି ଜିଲ୍ଲାରେ ବିଭିନ୍ନ ଯୋଜନା ମାଧ୍ୟମରେ ମୋଟ୍ ୧୮୯ ହେକ୍ଟର ପରିମିତ ଅଂଚଳରେ ହେନ୍ତାଳବଣ ସୃଷ୍ଟି କରାଯାଇଛି ବୋଲି ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମସିଂ ଖୁଣ୍ଟିଆ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଆସନ୍ତା ଆର୍ଥିକବର୍ଷ ପାଇଁ କେନ୍ଦ୍ରାପଡା ଓ ଭଦ୍ରକ ଜିଲ୍ଲାରେ ୧୭ ହେକ୍ଟର ପରିମିତ ଅଂଚଳରେ ନୂତନ ହେନ୍ତାଳବଣ ସୃଷ୍ଟି କରିବା ପାଇଁ ପ୍ରସ୍ତାବ ରହିଛି। ଏଥିସହିତ ସାମୁଦ୍ରିକ ଅଂଚଳରେ ଧନଜୀବନ ସୁରକ୍ଷିତ କରିବା ଓ ଦୀର୍ଘମିଆଦୀ ଯୋଜନାର ରୂପାୟନ ପାଇଁ ପୁରୀ, ରାଜନଗର ଓ ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ଯୋଜନା, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି, ବନ୍ଧିତ ସବୁଜ ବଳୟ, ସବୁଜ ମହାନଦୀ ମିଶନ ଏବଂ କାମ୍ପା ଯୋଜନା କାର୍ଯ୍ୟକାରୀ କରାଯାଇଛି। ଚଳିତ ଆର୍ଥିକବର୍ଷରେ ସମୁଦ୍ର ଉପକୂଳକବର୍ତ୍ତୀ ଅଂଚଳରେ

୧୫୯ ହେକ୍ଟର ପରିମିତ ଝାଉଁ ଜଙ୍ଗଲ ସୃଷ୍ଟି କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି।

## ବିଧାନସଭା-ଅନ୍ତ୍ୟୋଦୟ

ରାଜ୍ୟ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ଆସନ୍ତା ଆର୍ଥିକବର୍ଷରେ ୫୦ ହଜାର ପରିବାରକୁ ଗୃହ ମଞ୍ଜୁର କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି। ଏହି ଯୋଜନା ଅଧୀନରେ ରାଜ୍ୟରେ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକବର୍ଷରେ ଜିଲ୍ଲାଗୁଡ଼ିକୁ ସମୁଦାୟ ୧ ଲକ୍ଷ ୬୮ ହଜାର ୪୬ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସେଥିମଧ୍ୟରୁ ଗତ ୨୪ ତାରିଖ ସୁଦ୍ଧା ୬୮ ହଜାର ୩୬୮ଟି ଗୃହର ନିର୍ମାଣକାର୍ଯ୍ୟ ସଂପୂର୍ଣ୍ଣ ହୋଇଛି, ଯାହା ପ୍ରଦାନ କରାଯାଇଥିବା ଧାର୍ଯ୍ୟ ଲକ୍ଷ୍ୟର ୪୧ ପ୍ରତିଶତ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

## ବିଧାନସଭା-ସଡକ ଯୋଜନା

ଚଳିତ ଆର୍ଥିକବର୍ଷରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅନ୍ତର୍ଗତ ବିଭିନ୍ନ ଯୋଜନାରେ ୨ ହଜାର ୧୭୯ଟି ରାସ୍ତାପ୍ରକଳ୍ପର ନିର୍ମାଣ ତଥା ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଆଜି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି। ଅନୁମୋଦିତ ପ୍ରକଳ୍ପ ମଧ୍ୟରୁ ୧୧୪ଟି ପ୍ରକଳ୍ପର ନିର୍ମାଣକାର୍ଯ୍ୟ ଜାରି ରହିଛି। ୧ ହଜାର ୭୭୦ଟି ପ୍ରକଳ୍ପ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ବିଭିନ୍ନ ପର୍ଯ୍ୟାୟରେ ଅଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି।

## ମାଓବାଦୀ–ସଞ୍ଜୀବ ପଣ୍ଡା

କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟକୁ ମାଓବାଦୀମୁକ୍ତ କରିବା ପାଇଁ ଘୋଷଣା କରାଯାଇଥିବା ଅବଧି ଆଜି ଶେଷ ହେଉଛି।  ଏହି ପରିପ୍ରେକ୍ଷୀରେ ରାଜ୍ୟର ୮ଟି ଜିଲ୍ଲା ସମ୍ପୂର୍ଣ୍ଣଭାବେ ମାଓବାଦୀମୁକ୍ତ ହୋଇଛି ବୋଲି ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା କହିଛନ୍ତି। ବର୍ଷକ ମଧ୍ୟରେ ଓଡ଼ିଶା ପୁଲିସ୍ ନିକଟରେ ୭୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ୪୨ ଜଣ ମାଓବାଦୀ ଛତିଶଗଡ଼ରେ ଆତ୍ମସମର୍ପଣ କରିଥିବାବେଳେ ୨୭ ଜଣ ମାଓବାଦୀଙ୍କୁ କମ୍ବିଂ ଅପରେସନ୍‌ରେ ନିହତ କରାଯାଇଛି। ମାଓ ଅପରେସନ୍ ସମୟରେ ୨୩୯ ଜଣ ଯବାନ ସହିଦ ହୋଇଛନ୍ତି ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## - V/O –

## ମହାବୀର ଜୟନ୍ତୀ

ଦେଶରେ ଆଜି ୨୪ତମ ତଥା ଶେଷ ଜୈନ ତୀର୍ଥଙ୍କର ଭଗବାନ ମହାବୀରଙ୍କ ଜୟନ୍ତୀ ପାଳନ କରାଯାଉଛି । ଭଗବାନ ମହାବୀର ଅହିଂସା, ସତ୍ୟ ଏବଂ ଆତ୍ମସଂଜମର ନୀତିଶିକ୍ଷା ଦେବା ସହ ଲୋକଙ୍କୁ ସହାନୁଭୂତିଶୀଳ ଜୀବନ ଯାପନ କରିବାକୁ ପ୍ରେରଣା ଦେଇଥିଲେ । ପ୍ରତ୍ୟେକ ବ୍ୟକ୍ତି ମହାବୀରଙ୍କ ଶିକ୍ଷାରୁ ପ୍ରେରଣା ନେଇ ଏକ

ସମ୍ବେଦନଶୀଳ, ଶାନ୍ତିପୂର୍ଣ୍ଣ ଏବଂ ସମାବେଶୀ ସମାଜ ଗଠନ ପାଇଁ ନିରନ୍ତର ପ୍ରୟାସ କରିବା ଉଚିତ ।

ଭଗବାନ ମହାବୀରଙ୍କ ଜନ୍ମ କଲ୍ୟାଣ ଅବସରରେ **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ  କହିଛନ୍ତି, ଭଗବାନ ମହାବୀରଙ୍କ ଜୀବନ ଏବଂ ଶିକ୍ଷା- ସତ୍ୟ, ଅହିଂସା ଏବଂ କରୁଣାର ପଥକୁ ଆଲୋକିତ କରୁଛି । ଅହିଂସା, ଶାନ୍ତି ଓ ମୈତ୍ରୀର ଅବତାର ଭଗବାନ ମହାବୀରଙ୍କ ଜୟନ୍ତୀ ଅବସରରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଭଗବାନ ମହାବୀରଙ୍କ ଜୀବନ, ତ୍ୟାଗ, ତପସ୍ୟା, ଅହିଂସା ଏବଂ ସତ୍ୟର ସର୍ବୋଚ୍ଚ ଆଦର୍ଶର ପ୍ରତୀକ ବୋଲି କେନ୍ଦ୍ରମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** କହିଛନ୍ତି ।

**ଦୀନଦୟାଲ**

ଦେଶର ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ପୁରସ୍କାରରେ **ଗଞ୍ଜାମ** ଜିଲ୍ଲାକୁ ପୁରସ୍କୃତ କରାଯିବ ।  ଏ ନେଇ କେନ୍ଦ୍ର ପଂଚାୟତିରାଜ ମନ୍ତ୍ରଣାଳୟର ଆର୍ଥିକ ପରାମର୍ଶଦାତା ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । ଦେଶର ତୃତୀୟ ସୁସ୍ଥ ପଂଚାୟତ ଭାବେ ଛତ୍ରପୁର ବ୍ଲକ୍‌ର ପୋଟାଲାମପୁରକୁ ସ୍ୱୀକୃତି ମିଳିଛି ।

**ହସ୍ତତନ୍ତ**

ରାଜ୍ୟ ସରକାରଙ୍କ ହସ୍ତତନ୍ତ ଶିଳ୍ପ ବିକାଶ ଓ ଭଦ୍ରକ ଜିଲ୍ଲା ଶିଳ୍ପ ବିଭାଗ ପକ୍ଷରୁ ବନ୍ତ ବ୍ଲକ୍ ଗୋପୀନାଥପୁର ଗ୍ରାମରେ ବୁଣାକାରଙ୍କ ଦକ୍ଷତା ବୃଦ୍ଧି ଏବଂ ବୟନ

ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଛଅ ମାସ ଧରି ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ୪୦ ଜଣ ମହିଳା ତାଲିମ ଶେଷ କରିଛନ୍ତି ।

## ସାଇବର ଅପରାଧ

ଡିଜିଟାଲ ଆରେଷ୍ଟ ମାଧ୍ୟମରେ ସାଇବର ଅପରାଧିମାନେ ଦୈନ୍ୟନ୍ଦିନ ଟଙ୍କା ହଡପ କରୁଥିବା ଅଭିଯୋଗକୁ ଗୁରୁତର ସହିତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଅପରାଧ ଶାଖା ପକ୍ଷରୁ ୮୩ ହଜାର ୮୬୭ ହ୍ୱାଟସ୍‌ଆପ୍ ଆକାଉଣ୍ଟ ଏବଂ ୩ ହଜାର ୯୬୨ ସ୍କାଇପ୍ ଆଇଡିକୁ ନିଷେଧ କରାଯାଇଛି । ୮ ଲକ୍ଷ ୪୫ ହଜାର ସିମ୍‌କାର୍ଡକୁ ବ୍ଲକ୍ କରାଯାଇଛି । ୨ ଲକ୍ଷ ୩୯ ହଜାର ମୋବାଇଲ ଆଇଏମ୍‌ଇଆଇ ନମ୍ବର ଚିହ୍ନଟ କରାଯାଇଛି । ୮୨୭ଟି ସନ୍ଦେହଜନକ ମୋବାଇଲ ଆପ୍‌କୁ ନିଷିଦ୍ଧ କରାଯାଇଛି । ଅନ୍‌ଲାଇନ୍ ଠକେଇକୁ ରୋକିବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ।  ଏହି ଅଭିଯାନରେ ଟେଲି ଯୋଗାଯୋଗ ମନ୍ତ୍ରଣାଳୟ ପୁଲିସ୍ ଏବଂ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥାଙ୍କୁ ସାମିଲ କରାଯାଇଛି ।

## ଚୈତ୍ର ମଙ୍ଗଳବାର

ଚୈତ୍ରମାସର ଚତୁର୍ଥ ବା ଶେଷ ମଙ୍ଗଳବାର ପୂଜା ଆଜି ବିଭିନ୍ନ ସ୍ଥାନରେ କରାଯାଉଛି ।

**ପୁରୀ** ଜିଲ୍ଲାର କାକଟପୁର ଅଧୀଷ୍ଠାତ୍ରୀ ଦେବୀ ମା’ ମଙ୍ଗଳାଙ୍କ ପୀଠରେ ସକାଳ ଧୂପ ଶେଷ ହେବା ପରେ ସାହାଣମେଳା ଓ ସର୍ବସାଧାରଣ ଦର୍ଶନ

ଆରମ୍ଭ ହୋଇଥିଲା । ଆଜି ବିଳମ୍ବିତ ରାତିରେ ବେଢ଼ା ପରିସରରେ କାଳିକା ନୃତ୍ୟ ନୀତି ଅନୁଷ୍ଠିତ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

**ସୁବର୍ଣ୍ଣପୁର** ଜିଲ୍ଲାରେ ଥିବା ପ୍ରମୁଖ ଦେବୀ ମନ୍ଦିରରେ ଆଜି ଚୈତ୍ରମାସର ଶେଷ ମଙ୍ଗଳବାର ପୂଜା ଭକ୍ତି ଓ ଶ୍ରଦ୍ଧାରେ କରାଯାଉଛି ।

**ଗଞ୍ଜାମ** ଜିଲ୍ଲାର ମା’ ତାରାତାରିଣୀ ବାସନ୍ତିକ ଦୁର୍ଗା ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ।

## ଦୟଣାଚୋରି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ଚୈତ୍ର ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଦୟଣାଚୋରି ନୀତି ଅନୁଷ୍ଠିତ ହେବ। ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଶ୍ରୀମନ୍ଦିରରୁ ରାମକୃଷ୍ଣ ପାଲିଙ୍କିରେ ବିଜେ କରି ଜଗନ୍ନାଥ ବଲ୍ଲଭ ମଠ ପରିସରକୁ ଯିବେ । ସେଠାରେ ସ୍ୱତନ୍ତ୍ର ଭାବେ ରାମକୃଷ୍ଣଙ୍କୁ ଭୋଗ ଲାଗି କରାଯିବ। ମଠ ପରିସରରେ ଥିବା ଦୟଣା ଉଦ୍ୟାନକୁ ଯାଇ ମୁଦିରସ୍ତ, ଭିତରଚ୍ଛ ଓ ଅନ୍ୟାନ୍ୟ ସେବକମାନେ ନୀତି ସମ୍ପାଦନ କରିବେ। ପରମ୍ପରା ଅନୁସାରେ, ସେହି ଦୟଣାକୁ ଆଜି ଭୋଗମଣ୍ଡପ ଘରେ ଅଧିବାସରେ ରଖାଯିବ। ଆସନ୍ତାକାଲି ସକାଳ ଧୂପନୀତି ପରେ ଚତୁର୍ଦ୍ଦଶୀ ତିଥିରେ ଶ୍ରୀଜୀଉଙ୍କୁ ଦୟଣାଲାଗି କରାଯିବାର ବିଧି ରହିଛି ।

## ବିଧାନସଭା-ଜଙ୍ଗଲ ନିଆଁ

ରାଜ୍ୟରେ ଥିବା ବିଭିନ୍ନ ଜଙ୍ଗଲରେ ନିଆଁ ଲିଭାଇବା ପାଇଁ  କୃତ୍ରିମ ବୁଦ୍ଧିମତ୍ତା ଜ୍ଞାନକୌଶଳର ବ୍ୟବହାର କରାଯାଉଛି ବୋଲି  ଜଙ୍ଗଲ ଓ ପରିବେଶ ମନ୍ତ୍ରୀ

ଗଣେଶରାମସିଂ ଖୁଣ୍ଟିଆ କହିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଉତ୍ତର ଓ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡ, ବରଗଡ଼ ଜିଲ୍ଲାର ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ଅନୁଗୁଳ ବନଖଣ୍ଡ, ରାଉରକେଲା ଏବଂ ବଣାଇ ବନଖଣ୍ଡରେ ଏଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଉଛି। ଏହି ପ୍ରଯୁକ୍ତିବିଦ୍ୟାର ରୂପାୟନ ପାଇଁ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟ କରାଯାଇଛି। ୨୦୨୪ ମସିହାରେ ୪ ହଜାର ୬୭ ହେକ୍ଟର ଏବଂ ୨୦୨୫ ମସିହାରେ ୪ ହଜାର ୬୦୯ ହେକ୍ଟର ଜଙ୍ଗଲ' ନିଆଁ ଯୋଗୁଁ ପ୍ରଭାବିତ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଚଳିତ ଆର୍ଥିକବର୍ଷରେ ୪୨୮ଟି ଅବୈଧ ଗଛକଟା ମାମଲା ରୁଜୁ କରାଯାଇ ୨୦୮ ଜଣ ଗଛକଟାଳିଙ୍କୁ ଗିରଫ କରାଯାଇଛି।